
ଅନୁଗୋଳ ବଜାର ରାସ୍ତାରେ ବର୍ଷା ପାଣି ପ୍ରବାହିତ ହେଉଛି।


ଅନୁଗୋଳ ସହର ବ୍ରାହ୍ମଣଦେଇପଡ଼ାଠାରେ ରାସ୍ତା ଉପରେ ପାଣିର ସୁଅ।



ଶଙ୍କର ସିନେମା ରୋଡ୍ ବର୍ଷା ପାଣିରେ ବୁଡ଼ିଯାଇଛି।

# ଦିନ ତମାମ ବର୍ଷିଲା

**ଅନୁଗୋଳ ଅଫିସ, ୯।୮**

- ଅନୁଗୋଳରେ ସର୍ବାଧିକ ୧୦୦ ମି.ମି.
- ତଳି ଅଞ୍ଚଳରେ ପଶିଲା ପାଣି
- ଜିଲାରେ ଦିନକରେ ୩୦୯ ମିଲିମିଟର

ଅନୁଗୋଳ ଜିଲାରେ ମଙ୍ଗଳବାର ଦିନତମାମ ପ୍ରବଳ ବର୍ଷା ହୋଇଛି। ସ୍ଥିତି ଏପରି ହୋଇଥିଲା ଯେ ଘରୁ ବାହାରକୁ ବାହାରିବା ମୁସ୍କିଲ ହୋଇଯାଇଥିଲା। ଏପରି ଲଗାଣ ବର୍ଷା କାରଣରୁ ସହର ମଧ୍ୟରେ ପାଣିର ସୁଅ ଛୁଟିଥିବାବେଳେ ତଳି ଅଞ୍ଚଳ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ସହର ବହୁ ଲୋକଙ୍କ ଘରେ ପାଣି ପଶିଯାଇଛି। ମନ୍ଦିର ପରିସର ଏପରି କି ଭିତରେ ଥିବା ଦେବଦେବୀ ମଧ୍ୟ ପାଣି ଘେରରେ ଥିବା ଜଣାପଡ଼ିଛି। ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହୋଇଥିଲେ ମଧ୍ୟ ସେପରି କ୍ଷୟକ୍ଷତି ହୋଇ ନ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନୁଗୋଳ ସହରରେ ସର୍ବାଧିକ ଶହେ ମିଲିମିଟର (ମି.ମି.)ବର୍ଷା ରେକର୍ଡ କରାଯାଇଥିବା ବେଳେ ପାଲଲହଡ଼ା ବ୍ଲକ ଅଞ୍ଚଳରେ ମାତ୍ର ୫ ମିଲିମିଟର ବର୍ଷା ହୋଇଛି। ତେବେ ମୋଟ ଉପରେ ଜିଲାରେ ୩୦୯ ମି.ମି. ବର୍ଷା ହୋଇଛି।

ସୋମବାର ରାତିରୁ ଅନୁଗୋଳ ସହରରେ ବର୍ଷା ଆରମ୍ଭ ହୋଇଥିଲା। କିନ୍ତୁ ମଙ୍ଗଳବାର ସକାଳୁ ଏହା ଟିକେ ଥମିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତୁହାକୁ ତୁହା ପ୍ରବଳ ବର୍ଷା ଲାଗିରହିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଚଳିତବର୍ଷ ଅନୁଗୋଳରେ ଏହା ସବୁଠାରୁ ବଡ଼ ବର୍ଷା ବୋଲି ରେକର୍ଡ ହୋଇଛି। ଏହି ବଡ଼ ବର୍ଷା ଯୋଗୁ ସହରର ବ୍ରାହ୍ମଣୀଦେଇପଡ଼ା, ଶିମିଳିପଡ଼ା, ହାତୀଶାଳପଡ଼ା, ଅମଲାପଡ଼ା, ଶଙ୍କରସିନେମା ରୋଡ, ଗାନ୍ଧୀମାର୍ଗ, ମିଶ୍ରପଡ଼ା ଆଦି ଅଞ୍ଚଳରେ ବର୍ଷା ଜଳ ଜମି ରହିଥିବା ଦେଖିବାକୁ ମିଳିଛି। ବ୍ରାହ୍ମଣୀଦେଇପଡ଼ାରେ କେତେଜଣ ଲୋକଙ୍କ ଘରେ ପାଣି ପଶିଯାଇଛି। ଶଙ୍କର ସିନେମା ରୋଡରେ ଆଣ୍ଠୁଏ ଉଚ୍ଚର ପାଣି ରାସ୍ତାରେ ପ୍ରବାହିତ ହୋଇଛି। ସହରର ଗଳିକନ୍ଦି ରାସ୍ତା ପାଣିରେ ବୁଡ଼ି ଯାଇଥିବାରୁ ଲୋକମାନେ ଘରୁ ବାହାରି ପାରି ନ ଥିଲେ। ସକାଳୁ ଆରମ୍ଭ ହୋଇଥିବା ଏହି ମୂଷଳ ଧାରା ବର୍ଷା ରାତି ପର୍ଯ୍ୟନ୍ତ ଜାରି ରହିଥିଲା। ଅନୁଗୋଳ ବ୍ଲକରେ ସର୍ବାଧିକ ୧୦୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବାବେଳେ ବଣ୍ଟାପାଳ ବ୍ଲକରେ ୬୩ ମି.ମି., ଛେଣ୍ଡିପଦାରେ ୩୬ ମି.ମି., ଆଠମଲ୍ଲିକରେ ୫୮, ପାଲଲହଡ଼ାରେ ୫, କଣିହାଁରେ ୧୭, ତାଳଚେରରେ ୩୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତେବେ କିଶୋରନଗର ବ୍ଲକରେ କେତେ ପରିମାଣରେ ବର୍ଷା ରେକର୍ଡ କରାଯାଇଛି ତାହା ଖବର ଲେଖା ହେବା ପର୍ଯ୍ୟନ୍ତ ହସ୍ତଗତ ହୋଇପାରିନାହିଁ। ଅନ୍ୟପକ୍ଷରେ କୌଣସି ସ୍ଥାନରେ କିଛି କ୍ଷୟକ୍ଷତି ହୋଇ ନ ଥିଲେ ମଧ୍ୟ ବିଡିଓ ଓ ତହସିଲଦାରମାନଙ୍କୁ ସଜାଗ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।


ଅନୁଗୋଳ ସହରର ଏକ ଗଳି ରାସ୍ତା ବର୍ଷା ପାଣିରେ ବୁଡ଼ିଯାଇଛି।


ବ୍ରାହ୍ମଣଦେଇପଡ଼ା ମନ୍ଦିର ଭିତରେ ପାଣି ପଶିଯାଇଛି।

## କ୍ଲବ ଘରେ ଆଶ୍ରୟ ନେବାରୁ ମାଡ଼

**ଅନୁଗୋଳ ଅଫିସ, ୯।୮**

ତାଳଚେର ଥାନା କୁକୁଡ଼ୁଲା ଅଞ୍ଚଳର ଜଣେ ମହିଳାଙ୍କୁ ୪ ଜଣ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳା ଜଣଙ୍କ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୫୮୨/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, କୁକୁଡ଼ୁଲା ଅଞ୍ଚଳର ଜଣେ ମହିଳାଙ୍କ ଘର ଭାଙ୍ଗି ଯିବାରୁ ସେ ଗାଁ କ୍ଲବ ଘରେ ଆଶ୍ରୟ ନେଇଥିଲେ। ଗତ ୮ ତାରିଖରେ ସେ କ୍ଲବ ଘରେ ଲାଇଟ୍ ବନ୍ଦ କରି ଶୋଇଥିବାବେଳେ ୪ ଜଣ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ପରେ ଚୁଟି ଧରି ମାଡ଼ ମାରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ଅନୁଗୋଳ ଅଫିସ, ୯।୮**

ଅନୁଗୋଳ ସଦର ଥାନା କୁମଣ୍ଡ ଅଞ୍ଚଳର ଅନାମ ସାହୁ(୪୬)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ବିଦ୍ୟୁତ୍ ଆଘାତ କିଭଳି ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ଅନୁଗୋଳ ଥାନାକୁ ମେଡିକାଲ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିବାବେଳେ ମୃତକଙ୍କ ପରିବାର ସଦର ଥାନାରେ ଅଭିଯୋଗ କରିବାକୁ ଯାଇଥିବା ସୂଚନା ମିଳିଛି।

## କୃମିନାଶ ଦିବସ ପାଳନ ପାଇଁ ପ୍ରଶିକ୍ଷଣ

**ବଣ୍ଡା,୯।୮(ଡି.ଏନ.ଏ.)**

ଆଗାମୀ ୧୨ ତାରିଖ କୃମିନାଶକ ଦିବସ ପାଳନ ପାଇଁ ସୋମବାର ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କିଶୋରନଗର ବ୍ଲକ ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳର ହାଇସ୍କୁଲ, ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବଣ୍ଡା ମେଡିକାଲର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ ଯୋଗଦେଇ କିଭଳି ଆଗକୁ ଆସୁଥିବା କୃମିନାଶକ ଦିବସ ପାଳନ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଯୁବତୀଯୁବକମାନଙ୍କୁ ବଟିକା ଖାଇବାକୁ ଦେବାକୁ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତୀ ମଞ୍ଜରୀ ଚଟମ୍ବା, ସହକାରୀ ଶିକ୍ଷକ ଭବାନୀ ଶଙ୍କର ସାହୁ, ସିଆର୍‌ସିସି ବସନ୍ତ ପ୍ରଧାନ, ପ୍ରତାପ ପ୍ରଧାନ ଯୋଗ ଦେଇଥିଲେ।



ଶିବିରରରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

## ତେଜୁଛି ଓକିଲ ସଂଘ ଧାରଣା

**ଛେଣ୍ଡିପଦା,୯।୮(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଓକିଲ ସଂଘର ଧାରଣା ୧୪ ଦିନରେ ପହଞ୍ଚିଥିବା ବେଳେ ଦିନକୁ ଦିନ ଏହା ଅଧିକ ତେଜୁଛି। ଧାରଣା ପ୍ରତ୍ୟାହାର ପାଇଁ ପ୍ରଶାସନର ଉଦ୍ୟମ ବାରମ୍ବାର ବିଫଳ ହେଉଛି। ସୋମବାର ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ ପ୍ରଧାନ ପହଞ୍ଚି ବୁଝାଶୁଝା କରିଥିଲେ। ସେହିପରି ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ଭୂ-ଅର୍ଜନ ଅଧିକାରୀ ରତନ କୁମାର ଆଚାର୍ଯ୍ୟ ଓ ଥାନା ଅଧିକାରୀ ଧୀରେନ କୁମାର ବେହେରା ପହଞ୍ଚି ପ୍ରଶାସନ ଡାକିଥିବା ବୈଠକରେ ଯୋଗଦେବାକୁ ଅନୁରୋଧ କରିଥିଲେ। ହେଲେ ସଂଘ ପକ୍ଷରୁ ବୈଠକକୁ ଯିବା ପାଇଁ ମନା କରାଯାଇଥିଲା। ଅପରାହ୍ନରେ କେତେଜଣ ଯୁବକ ତହସିଲ କାର୍ଯ୍ୟାଳୟକୁ ଯାଉଥିବାବେଳେ ଧାରଣାସ୍ଥଳ ନିକଟରେ ଉତ୍ତେଜନା ଦେଖା ଦେଇଥିଲା। ଏ ନେଇ ଓକିଲ ସଂଘ ସମ୍ପାଦକ ପ୍ରଦୀପ କୁମାର ଗଡନାୟକ ଓ ପୋଡାପଡା ଗ୍ରାମର ସାରଥି ନାଏକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨ଟି ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଧୀରେନ କୁମାର ବେହେରା ପ୍ରକାଶ କରିଛନ୍ତି।

## ଜେଲ ସ୍ଥାନାନ୍ତର ଚକ୍ରାନ୍ତକୁ ବିରୋଧ

**ପାଲଲହଡା,୯।୮(ଡି.ଏନଏ.)**

ଅନୁଗୋଳ ଜିଲା ପାଲଲହଡା ଜେଲ ସ୍ଥାନାନ୍ତର ଚକ୍ରାନ୍ତକୁ ବିରୋଧ କରିଛି ପାଲଲହଡା ଓକିଲ ସଂଘ। ଏହାର ପ୍ରତିବାଦରେ ମଙ୍ଗଳବାର ସଂଘ ପକ୍ଷରୁ ପାଲଲହଡା କୋର୍ଟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ସଂଘ ସଭାପତି ମନୋରଞ୍ଜନ ପାଲଙ୍କ ନେତୃତ୍ୱରେ ବାର୍ ଆସୋସିଏଶନର ସମସ୍ତ ସଦସ୍ୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଗତ ସପ୍ତାହରେ ପାଲଲହଡା ଜେଲରୁ କଏଦୀ ସ୍ଥାନାନ୍ତର ପାଇଁ ଚିଠି ଆସିବା ପରେ ଜେଲ୍ ଏଠାରୁ ଉଠାଇ ନିଆଯିବା ଚକ୍ରାନ୍ତ ଧରାପଡ଼ିଥିବା ସଂଘ ପକ୍ଷରୁ କୁହାଯାଇଛି। ବରିଷ୍ଠ ସଦସ୍ୟ ପ୍ରଶାନ୍ତ କୁମାର ପ୍ରଧାନ କହିଛନ୍ତି, ପାଲଲହଡା ଜେଲ ଉଠିଗଲେ ୭୦ କିଲୋମିଟର ଦୂର ତାଳଚେର ଯିବାକୁ ପଡ଼ିବ। ଏହାଦ୍ୱାରା ବିଚାରାଧୀନ ବନ୍ଦୀମାନଙ୍କ ପରିବାରକୁ ଆର୍ଥିକ କ୍ଷତି ସହିତ ମାନସିକ ଯନ୍ତ୍ରଣା ଭୋଗିବାକୁ ପଡ଼ିବ। ଏଠାରେ ବରିଷ୍ଠ ଦେୱାନି ଅଦାଲତ ନ ଥିବାରୁ ଗରିବ ଜନତା ଅଯଥାରେ ଖର୍ଚ୍ଚାନ୍ତ ହେଉଥିବା ସଦସ୍ୟ ଚିତ୍ତ ରଞ୍ଜନ ପ୍ରଧାନ କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ପାଲ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପାଲଲହଡା ବିଧାୟକ ମୁକେଶ ପାଲ କହିଛନ୍ତି, ରାଜାରାଜୁଡା ଅମଳରୁ ଜେଲ ରହିଛି। ସରକାରଙ୍କ ସହିତ ଆଲୋଚନା କରି କିପରି ଏହା ସ୍ଥାନାନ୍ତର ନ ହେବ ସେଥିପାଇଁ ଚେଷ୍ଟା କରିବି।



ଆନ୍ଦୋଳନରତ ଓକିଲ ସଂଘ କର୍ମକର୍ତ୍ତାମାନେ।

## ଆଦିବାସୀ ପରମ୍ପରା ବଜାୟ ରଖିବାକୁ ପରାମର୍ଶ

**ବଣ୍ଡା,୯।୮(ଡି.ଏନଏ.)**

ବର୍ତ୍ତମାନ ସମାଜରେ ଆଦିବାସୀଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସେହି ପରିଚୟ ଓ ପରମ୍ପରାକୁ ସବୁବେଳେ ବଜାୟ ରଖିବାକୁ ମଙ୍ଗଳବାର ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ଗୋଣ୍ଡ ଭବନଠାରେ ବିଶ୍ୱ ଆଦିବାସୀ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତପ୍ରକଶ କରିଛନ୍ତି। ମାଗୁଣି ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ଭାବେ ଗୋଣ୍ଡ ସମାଜ ରାଜ୍ୟ ମହିଳା ସଭାନେତ୍ରୀ ସୁକାନ୍ତି ବାଳା ନାୟକ, ଉପ ସଭାନେତ୍ରୀ ଦମୟନ୍ତୀ ମହାପାତ୍ର, ରାଜ୍ୟ ମହିଳା ମହା ସଚିବ ସୁଜାତା ନାୟକ, ଜିଲା ମହିଳା ସଭାନେତ୍ରୀ ଶୋଭାଙ୍ଗିନୀ ନାୟକ, ସଦାଶିବ ନାୟକ, ନରସିଂହ ପ୍ରଧାନ, ପ୍ରଶ୍ନ ନାୟକ, ବାଙ୍କନିଧି ନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ପ୍ରାପ୍ୟ ଦାବିରେ ୨୦ ପରିବାରର ଅନଶନ

**ଅନୁଗୋଳ ଅଫିସ, ୯।୮**

ସାତକୋଶିଆ ଅଭୟାରଣ୍ୟ କଟରଙ୍ଗ ଗ୍ରାମର ୨୦ ଆଦିବାସୀ ଓ ବନବାସୀ ପରିବାରର ୨୦ ଜଣ ମହିଳା ଓ ପୁରୁଷ ମଙ୍ଗଳବାର ସାତକୋଶିଆ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଓ ଧାରଣାରେ ବସିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଗ୍ରାମ ସ୍ଥାନାନ୍ତର ହୋଇଥିଲେ ମଧ୍ୟ ସରକାରୀ କ୍ଷତିପୂରଣ ପ୍ୟାକେଜରୁ ସେମାନେ ବଞ୍ଚିତ ଅଛନ୍ତି। ବନ ବିଭାଗର ପ୍ରିୟାପ୍ରୀତି ପୋଷଣ ଏବଂ ଅସାଧୁ କାରବାର ଯୋଗୁ ଗ୍ରାମବାସୀଙ୍କୁ ବାଦ୍ ଦେଇ ବାହାର ଅଞ୍ଚଳର ଲୋକଙ୍କୁ କ୍ଷତିପୂରଣ ପ୍ୟାକେଜ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ପଲ୍ଲିସଭା ଓ ଗ୍ରାମସଭା ନିଷ୍ପତ୍ତିର ରିପୋର୍ଟ ସାର୍ବଜନୀନ ହୋଇନାହିଁ। ସ୍ଥାନାନ୍ତର ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବା ପାଇଁ ଗ୍ରାମର ଅଧିକାଂଶ ପ୍ରଜା ଜିଲାପାଳ, ବନ ବିଭାଗ ପଦସ୍ଥ ଅଫିସରଙ୍କୁ ୩ ଡିସେମ୍ବର ୨୦୨୧ ଓ ୨୪ ଜାନୁୟାରୀ ୨୦୨୨ରେ ଲିଖିତଭାବେ ଜଣାଇଥିଲେ। ଡିଏଫ୍‌ଓ, ଏସିଏଫ୍ ଓ ରେଞ୍ଜରଙ୍କୁ ସାକ୍ଷାତ କରି ପ୍ୟାକେଜ ସମ୍ବନ୍ଧରେ ଜଣାଇଥିଲେ। ଏସବୁ ସତ୍ତ୍ୱେ ବନ ବିଭାଗ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକିଥିଲେ। ତେଣୁ ୨୦ ପରିବାର ଉପାୟ ନ ପାଇ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଆନ୍ଦୋଳନକାରୀ କହିଛନ୍ତି। ଖବରପାଇ ଅତିରିକ୍ତ ତହସିଲଦାର ପ୍ରଭୁ ବିଶ୍ୱାଳ ଏବଂ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ୨୦ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ପୁନର୍ବାର ଧାରଣା ଓ ଅନଶନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଟିକରପଡାର ପୂର୍ବତନ ସରପଞ୍ଚ ତ୍ରିନାଥ ସାହୁ ଏବଂ ସମିତିସଭ୍ୟା ଚାରୁଲତା ଦେହୁରୀ ଏହାର ନେତୃତ୍ୱ ନେଇଥିଲେ।

ଏହି ଆନ୍ଦୋଳନରେ ଗ୍ରାମର ମୋହନ ନାଏକ, ପ୍ରସନ୍ନ ନାଏକ, ମମତା ପ୍ରଧାନ, ସୁକାନ୍ତି ପ୍ରଧାନ, ରୀତା ପ୍ରଧାନ, ଆଶା ଦାସ, ଆସଲି ଜାନୀ, ପଲଉ ନାଏକ, ଅଞ୍ଜଳି ନାଏକ, ତ୍ରିଲୋଚନ ବେହେରା, ବିପ୍ର ବେହେରା, ନବିନା ବେହେରା, କୈଳାସ ବେହେରା, ନାରଣ ଦାସ, ବିପିନି ନାଏକ, ବିରଞ୍ଚି ବେହେରା ଓ ତ୍ରିଲୋଚନ ବେହେରା ସାମିଲ ହୋଇଥିଲେ।


ଆନ୍ଦୋଳନସ୍ଥଳରୁ ଦାବିପତ୍ର ଗ୍ରହଣ କରୁଛନ୍ତି ଅତିରିକ୍ତ ତହସିଲଦାର।

## ସ୍ଥାୟୀ ଶିକ୍ଷକ ନିଯୁକ୍ତି ଦାବି

**କଣିହାଁ,୯।୮(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଏନ୍‌ଟିପିସି ଦୀପଶିଖା କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ, ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ କଣିହାଁ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ବିଦ୍ୟାଳୟରେ ୪୬୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଯାଉ ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ଅଭିଭାବକ ପ୍ରତାପ ଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ସାମଲ, ନାରାୟଣ ପଣ୍ଡା, ଲକ୍ଷ୍ମଣ ଚନ୍ଦ୍ର ବାରିକ, ପ୍ରତାପ କୁମାର ସାହୁ, ହେମନ୍ତ କୁମାର ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ଅଗଷ୍ଟ କ୍ରାନ୍ତି ଦିବସ ଉପଲକ୍ଷେ ମଙ୍ଗଳବାର ଢେଙ୍କାନାଳ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମାଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି ସହର ପରିକ୍ରମା କରି ଦେଶପ୍ରେମର ବାର୍ତ୍ତା ବାଣ୍ଟିଥିଲା।

# ପୋଖରୀରେ ଫସିଗଲେ ହାତୀପଲ

ପରଜଙ୍ଗ, ୯।୮(ଡି.ଏନ୍.ଏ.)

ପାଣି ପିଇବାକୁ ଆସିଥିବାବେଳେ ପୋଖରୀରେ ଫସିଗଲେ ହାତୀପଲ। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅଧୀନ କଙ୍କିଳି ଗ୍ରାମରେ ମଙ୍ଗଳବାର ଘଟିଛି ଏଭଳି ଏକ ଅଭାବନୀୟ ଘଟଣା। ହାତୀଙ୍କୁ ଦେଖିବା ଲାଗି ପ୍ରବଳ ଜନଗହଳି ହୋଇଥିବାବେଳେ ହାତୀମାନେ ପାଣିରୁ ବାହାରି ଜଙ୍ଗଲକୁ ଯିବାକୁ ବାଟ ପାଇ ନ ଥିଲେ। ଜନଗହଳି କମିବା ପରେ ସେମାନେ ଜଙ୍ଗଲକୁ ପଳାଇ ଯାଇଛନ୍ତି।

କଙ୍କିଳି ଗ୍ରାମ ଦନାର ପୋଖରୀରେ ମଙ୍ଗଳବାର ଭୋର୍ ସମୟରେ ଏକ ପଲରେ ୫ଟି ହାତୀ ପାଣି ପିଇବାକୁ ଆସିଥିଲେ। ସକାଳୁ ଗ୍ରାମର କେତେଜଣ ବ୍ୟକ୍ତି ବିଲକୁ ଯାଉଥିବାବେଳେ ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ହାତୀ ଉପରେ ନଜର ରଖିଥିବାବେଳେ ଜନଗହଳି ବଢ଼ିବାରେ ଲାଗିଥିଲା। ବାଣ ଫୁଟାଇ, ସାଇରନ ବଜାଇ ହାତୀଙ୍କୁ ଜଙ୍ଗଲକୁ ଘଉଡ଼ାଇବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସବୁ ବିଫଳ ହୋଇଥିଲା। ଲୋକଙ୍କ ଗହଳି ଦେଖି ହାତୀ ଭୟଭୀତ ହୋଇପଡ଼ିଥିବାବେଳେ ପାଣିରୁ ବାହାରକୁ ଆସି ନ ଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳକୁ ଗହଳି କମିବା ପରେ ସେମାନେ ପୋଖରୀରୁ ବାହାରି ଜଙ୍ଗଲମୁହାଁ ହୋଇଥିଲେ।



ପୋଖରୀରେ ଫସିଯାଇଥିବା ହାତୀପଲ

■ଜନଗହଳି ପାଇଁ ବାହାରି ପାରିଲେନି

■୫ ଘଣ୍ଟା ପରେ ଜଙ୍ଗଲକୁ ବାହୁଡ଼ିଲେ

କିଛିଦିନର ବ୍ୟବଧାନ ପରେ ପରଜଙ୍ଗ ଅଞ୍ଚଳରେ ପୁନର୍ବାର ହାତୀ ଉପଦ୍ରବ ଆରମ୍ଭ ହୋଇଛି। ଧାନ ରୁଆ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିବାବେଳେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଭୋର୍ ଏବଂ ସନ୍ଧ୍ୟାବେଳେ ହାତୀ ଆକ୍ରମଣ ଆଶଙ୍କା ଅଧିକ ରହୁଥିବାରୁ ବିଲରେ କାମ କରୁଥିବା ଚାଷୀମାନେ ଘରକୁ କିପରି ସୁରକ୍ଷିତ ଭାବେ ଫେରିବେ, ସେହି ଆଶଙ୍କାରେ ରହୁଛନ୍ତି। ଜନବସତିମୁହାଁ ହେଉଥିବା ହାତୀଙ୍କୁ ଅନ୍ୟତ୍ର ଘଉଡ଼ାଇବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### କ୍ୟାଡେଟ୍ ବୁଝିଲେ ବନୀକରଣର ଉପକାରିତା

ଢେଙ୍କାନାଳ ଅଫିସ, ୯।୮: ଢେଙ୍କାନାଳ ସ୍ୱୟଂଶାସିତମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ, ଏନ୍‌ସିସି ଅଧିକାରୀ ପ୍ରକାଶ କୁମାର ସାହୁ, ପୁପୁନ ଦଲେଇ ପ୍ରମୁଖ ବନୀକରଣର ଉପକାରିତା, ପରିବେଶ ସୁରକ୍ଷାରେ ଛାତ୍ରୀଛାତ୍ରଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ଏନ୍‌ସିସି କ୍ୟାଡେଟ୍, ଛାତ୍ରୀଛାତ୍ରମାନେ କଲେଜ କ୍ୟାମ୍ପସରେ ଚାରା ରୋପଣ କରିଥିଲେ।

### କେନାଲରେ ବୁଡ଼ି ମହିଳା ଚାଷୀ ମୃତ

କାମାକ୍ଷାନଗର, ୯।୮(ଡି.ଏନ୍.ଏ.): ଗାଧୋଇବାକୁ ଯାଇଥିବାବେଳେ କେନାଲରେ ବୁଡ଼ିଯାଇ ଜଣେ ମହିଳା ଚାଷୀଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବୁଢ଼ାବିଲି ଗ୍ରାମରେ ଘଟିଥିବା ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ମୃତା ମହିଳା ହେଲେ ତ୍ରିଲୋଚନ ମହାନ୍ତଙ୍କ ସ୍ତ୍ରୀ ସୁଶୀଳା। ସେ ସୋମବାର ସନ୍ଧ୍ୟାରେ ବିଲରୁ ଫେରି ଗାଧୋଇବା ପାଇଁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ତେଣୁ ସେ ବୁଡ଼ିଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ମଙ୍ଗଳବାର କେନାଲ ପାଣି ବନ୍ଦ କରାଯିବା ପରେ ତାଙ୍କର ମୃତଦେହ ଠାବ କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# '୫-ଟି'କୁ ଆସୁ କପିଳାସ ପୀଠ

ଢେଙ୍କାନାଳ ଅଫିସ, ୯।୮

ଐତିହ୍ୟସମ୍ପନ୍ନ ମଠ ମନ୍ଦିରଗୁଡ଼ିକର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ପ୍ରାଚୀନ, କିମ୍ବଦନ୍ତୀପୂର୍ଣ୍ଣ ପୀଠକୁ '୫-ଟି' ଅନ୍ତର୍ଭୁକ୍ତ କରାଯାଇ ପର୍ଯ୍ୟଟକ ଅନୁକୂଳ ବାତାବରଣ ସୃଷ୍ଟି କରାଯାଉଛି। ହେଲେ ଦ୍ୱାଦଶ ଶତାବ୍ଦୀର ଗଙ୍ଗବଂଶୀୟ କୀର୍ତ୍ତିରାଜି ତଥା ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସକୁ ଅଦ୍ୟାବଧି ଏଥିରେ ସାମିଲ କରାଯାଇନାହିଁ। ଫଳରେ ଏହାର ବିକାଶ ଯେଉଁ ଭଳି ଭାବେ ହେବା କଥା, ତାହା ହୋଇପାରୁ ନ ଥିବା ଅଭିଯୋଗ କରିଛନ୍ତି ଢେଙ୍କାନାଳର ପୂର୍ବତନ ବିଧାୟକ ନବୀନ ନନ୍ଦ। ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ବିଜେସ୍ଥଳୀର ସାମଗ୍ରିକ ଉନ୍ନତି ପାଇଁ ଖୁବ୍‌ଶୀଘ୍ର ୧୦୦ କୋଟି ଟଙ୍କାର ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ସେ ଦାବି କରିଛନ୍ତି।

ପୂର୍ବତନ ବିଧାୟକ ନନ୍ଦ ଅଭିଯୋଗ କରିଛନ୍ତି ଯେ, କପିଳାସ ପୀଠକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା କହୁଛନ୍ତି। ତେବେ ଦୀର୍ଘଦିନରୁ ପ୍ରସ୍ତାବିତ ରୋପ୍ ୱେ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିଲାନାହିଁ। ପୀଠରୁ ପୁରୀକୁ ସିଧାସଳଖ ବସ୍‌ସେବା ଯୋଗାଇ ଦେବା ଲାଗି ଏକାଧିକଥର ଦାବି କରାଯାଇଛି। ତଥାପି ଏହା ହୋଇପାରୁନାହିଁ। ଯୋରନ୍ଦା ମହିମାଗାଦି, ସପ୍ତଶଯ୍ୟା ଦେଇ ଶ୍ରୀକ୍ଷେତ୍ରକୁ ବସ୍‌ସେବା ଉପଲବ୍ଧ ହେଲେ ଜିଲା ପର୍ଯ୍ୟଟନର ଗୁରୁତ୍ୱ ବଢ଼ିବ। ସେହିପରି କପିଳାସ ପ୍ରାଣୀ ଉଦ୍ୟାନ ନିର୍ମାଣ ପାଇଁ ଠାକୁରଙ୍କ ୭୯ ଏକର ଜମି ଯାଇଛି। ବନ ବିଭାଗ ସମାନ ପରିମାଣର ଜମି ଦେବୋତ୍ତର ବିଭାଗକୁ ଦେଲେ ପୀଠର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।



କପିଳାସ ପୀଠ

■ସାମଗ୍ରିକ ବିକାଶ ପାଇଁ ୧୦୦ କୋଟି ଅନୁଦାନ ପ୍ରଦାନ କରାଯାଉ

■ରୋପ ୱେ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଲାଗି ବ୍ୟବସ୍ଥା କରିବାକୁ ଦାବି

ଏଥିସହ ପୀଠରେ ପର୍ଯ୍ୟାପ୍ତ ପିଇବା ପାଣି, ଶ୍ରଦ୍ଧାଳୁଙ୍କ ପାଇଁ ଗାଧୁଆ ଘର, ଶୌଚାଳୟ, ୨୦୧୩ରୁ ନିର୍ମିତ ମାର୍କେଟ କମ୍ପ୍ଲେକ୍ସର ପୁନରୁଦ୍ଧାର, ନିଳାମଧାରୀ ଦୋକାନୀଙ୍କୁ ଥଇଥାନ, ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଭକ୍ତ ଏବଂ ସେବାୟତଙ୍କ ପାଇଁ ପୃଥକ୍ ବିଶ୍ରାମକକ୍ଷ, କଳା ପରିଷଦ ମଣ୍ଡପକୁ ଯାତ୍ରୀଙ୍କ ବ୍ୟବହାର ଉପଯୋଗୀ କରିବା, ୨୦୦୩ରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମିତ ପାଠାଗାରର ନବକଳେବର, ବର୍ଷାଦିନେ ଯାତ୍ରୀଙ୍କ ସୁରକ୍ଷା ପାଇଁ ପାହାଚ ରାସ୍ତାରେ ୧୦ ବିଶ୍ରାମାଗାର ନିର୍ମାଣ କରିବା ଜରୁରୀ ବୋଲି ପୂର୍ବତନ ବିଧାୟକ ପ୍ରସ୍ତାବ ଦେଇଛନ୍ତି।

ସେହିପରି କପିଳାସରେ ଶିଶୁ ଉଦ୍ୟାନ, ପାର୍କ, ପୀଠର ପବିତ୍ରତା ରକ୍ଷା କରିବା ପାଇଁ ମନ୍ଦିର ପାଦଦେଶରୁ ମୁଖଶାଳା ପର୍ଯ୍ୟନ୍ତ ଆମିଷ ଭୋଜି ବନ୍ଦ, ହୋଟେଲରେ ଆମିଷ ଖାଦ୍ୟ ବିକ୍ରି ସମ୍ପୂର୍ଣ୍ଣ ନିଷେଧ କରିବାକୁ ସେ ଦାବି କରିଛନ୍ତି। ଟୋଲଗେଟ୍‌କୁ ବୈଦ୍ୟୁତିକ ସ୍ୱୟଂକ୍ରିୟ ଚେକ୍‌ଗେଟ କରିବା ସହ ଏହାକୁ ସନ୍ତୋଷୀ ଛକକୁ ଉଠାଇ ନିଆଯାଉ। ଫଳରେ କେବଳ କପିଳାସ ପୀଠକୁ ଯାଉଥିବା ଶ୍ରଦ୍ଧାଳୁ ଟୋଲ୍ ଫ୍ରି ଦେବେ। ପ୍ରାଣୀ ଉଦ୍ୟାନ ଓ ସାଇନ୍ସ ପାର୍କ ବୁଲି ଆସୁଥିବା ଯାତ୍ରୀଙ୍କୁ ଶୁଳ୍କବୋଝରୁ ମୁକ୍ତି ମିଳିବ ବୋଲି ସେ କହିଛନ୍ତି।

ଅନୁରୂପ ଭାବେ କପିଳାସ ଅଞ୍ଚଳର ସୁରକ୍ଷା ପାଇଁ ସ୍ଥାୟୀ କର୍ମଚାରୀ ନିଯୁକ୍ତି, ସ୍ଥାୟୀ ପୋଲିସ ଫାଣ୍ଡି, ଏଟିଏମ୍ କାଉଣ୍ଟର ସ୍ଥାପନ, ପାର୍କିଂ ସ୍ଥାନ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ଲିଙ୍ଗରାଜ ମନ୍ଦିର ଶୈଳୀରେ ସ୍ୱତନ୍ତ୍ର ଟ୍ରଷ୍ଟ ବୋର୍ଡ ଗଠନ, ଜଣେ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତି ଦେବା, ଠାକୁରଙ୍କ ସ୍ଥାବର ଜମି ଚିହ୍ନଟ କରି ଏହାକୁ ବଜାର ଦରରେ ବିକ୍ରି ଏବଂ ପ୍ରାପ୍ତ ଅର୍ଥକୁ ସ୍ଥାୟୀ ଜମା ଆକାରରେ ରଖିବା, ଜବରଦଖଲରେ ଥିବା ଜମିର ପୁନରୁଦ୍ଧାର, ମହୁଲଖୋଲି ଗ୍ରାମରେ ଠାକୁରଙ୍କ ନାମରେ ଥିବା ୧୨୦୦ ଏକର ଉଜୁଡ଼ା କାଜୁ ଜଙ୍ଗଲର ପୁନରୁଦ୍ଧାର, ଦାନ ଟଙ୍କା ହିସାବ ବ୍ୟବସ୍ଥିତ କରିବାକୁ ସେ ଦାବି କରିଛନ୍ତି। ମନ୍ଦିର ମୁଖଶାଳା ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ନିର୍ମିତ ଯାତ୍ରୀ ବିଶ୍ରାମାଗାରରେ ଦେବୋତ୍ତର ବିଭାଗ ଅବଢ଼ା ବିକ୍ରି କରୁଛି। ତେଣୁ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ତେଣୁ ଅବଢ଼ା ବିକ୍ରି ପାଇଁ ସ୍ୱତନ୍ତ୍ର ସ୍ଥାନର ବ୍ୟବସ୍ଥା କରିବା ମଧ୍ୟ ଅତ୍ୟାବଶ୍ୟକ। ଏସବୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବେ ଅନ୍ୟୁନ ୧୦୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ପୂର୍ବତନ ବିଧାୟକ ନନ୍ଦ ଦାବି କରିଛନ୍ତି।

# ରାସ୍ତାରୋକୋ, ଉତ୍ତେଜନା

ଭୁବନ, ୯।୮(ଡି.ଏନ୍.ଏ.)

ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଢେଙ୍କାନାଳ ଜିଲା ଭୁବନ ଥାନା ପୁରୁଷୋତ୍ତମପୁର ଗ୍ରାମର ଜଣେ ଯୁବକଙ୍କ ବାଇକ୍ ଧକ୍କାରେ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଏବଂ ବାରମ୍ବାର ସେହି ସ୍ଥାନରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବାରୁ ଏହାର ପ୍ରତିକାର କରିବାକୁ ଦାବି କରି ଅଞ୍ଚଳବାସୀ ଢେଙ୍କାନାଳ-ଭୁବନ ପୂର୍ତ୍ତ ବିଭାଗ ରାସ୍ତାରେ ମୃତଦେହ ରଖି ପ୍ରାୟ ୬ ଘଣ୍ଟା ଧରି ଆନ୍ଦୋଳନ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାଯୋଗ୍ୟ, ପୁରୁଷୋତ୍ତମପୁର ଗ୍ରାମର ବିଦ୍ୟାଧର ନାୟକ (୪୪) ଭୁବନ ନୂଆବଜାରରେ ଏକ ଦୋକାନରେ କାମ କରୁଥିଲେ। କାମରୁ ଫେରି ସୋମବାର ରାତି ପ୍ରାୟ ସାଢ଼େ ୧୦ଟାରେ ଗ୍ରାମ ନିକଟ ପୋଖରୀକୁ ଶୌଚ ହେବାକୁ ଯାଉଥିବାବେଳେ ଏକ ବାଇକ୍ (ନଂ. ଓଡ଼ି ୩୪ ଏନ୍ ୯୪୩୭)ରେ ଦୁଇଜଣ ଯୁବକ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଏଥିରେ ବିଦ୍ୟାଧରଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସମ୍ପୃକ୍ତ ଦୁଇ ଯୁବକ ଦୁର୍ଘଟଣା ଘଟାଇ ଫେରାର ହୋଇଯିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକ ରଖିବା ସହ ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ବିଦ୍ୟାଧରଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଆନ୍ଦୋଳନକାରୀଙ୍କ କହିବା କଥା, ଗତ ମାସ ୨୩ ତାରିଖରେ ସମାନ ଜାଗାରେ ଏକ କାର୍ ଧକ୍କାରେ ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଫଳରେ ଅକାଳରେ ଧନଜୀବନ ହାନି ହେଉଛି। ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରି ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରୁ ରାସ୍ତାରୋକୋ କରିଥିଲେ। ଦୀର୍ଘସମୟ ଯାଏ ପୋଲିସ କିମ୍ବା ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଦୁଇ ଯୁବକଙ୍କୁ ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।



ଗ୍ରାମବାସୀ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି।

# ବାଜିଙ୍କ ଦାୟାଦଙ୍କୁ ଦିଆଗଲା ତ୍ରିରଙ୍ଗା

ଭୁବନ, ୯।୮(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ଡାକଘର ପକ୍ଷରୁ ମଙ୍ଗଳବାର 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଇଛି। ଏକ ବାଇକ୍ ଶୋଭାଯାତ୍ରା କାର୍ଯ୍ୟାଳୟରୁ ବାହାରି ବାଜି ରାଉତଙ୍କ ଶହୀଦ ସ୍ମୃତିପୀଠକୁ ଯାଇଥିଲା। ଏଥିରେ ଭୁବନ ଅଞ୍ଚଳରେ ଥିବା ୧୦ଟି ଉପଡାକଘରେ କାର୍ଯ୍ୟରତ କର୍ମଚାରୀ ସାମିଲ ହୋଇଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ପ୍ରତି ଘରେ ତ୍ରିରଙ୍ଗା ଲଗାଇବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ପ୍ରତି ଡାକଘରେ ତ୍ରିରଙ୍ଗା ପତାକା ମିଳୁଛି। ଅଞ୍ଚଳବାସୀ ୭୬ତମ ସ୍ୱାଧୀନତା ଦିବସକୁ ଆଡମ୍ବର ସହକାରେ ପାଳନ କରିବାକୁ ସଚେତନ କରାଯାଇଥିଲା। ଏହି ଅବସରରେ ଶହୀଦ ବୀର ବାଜି ରାଉତଙ୍କ ପୁତୁରା କୁଳମଣି ରାଉତ, ଗ୍ରାମର ବରିଷ୍ଠ କର୍ମୀ କାହ୍ନୁଚରଣ ମଲ୍ଲିକଙ୍କୁ ଜାତୀୟ ପତାକା ପ୍ରଦାନ କରାଯାଇଥିଲା। ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କର୍ମଚାରୀମାନେ ତାଙ୍କର ତ୍ୟାଗମୟ ଜୀବନର ସ୍ମୃତିଚାରଣ କରିଥିଲେ। ଡାକ ନିରୀକ୍ଷକ ପୁରୁଷୋତ୍ତମ ନାୟକ, ଭୁବନ ଡାକପାଳ ବାପିନା ମଲ୍ଲିକଙ୍କ ସମେତ ବହୁସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଡାକ ବିଭାଗ କର୍ମଚାରୀ, ଅଞ୍ଚଳର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଅନ୍ୟମାନେ।

# ଐତିହ୍ୟସମ୍ପନ୍ନ ଝୁଲଣ ଉତ୍ସବ ଆରମ୍ଭ

ଢେଙ୍କାନାଳ ଅଫିସ, ୯।୮

ଢେଙ୍କାନାଳର ଶ୍ରୀରଘୁନାଥ ଜୀଉଙ୍କ ବିଜେସ୍ଥଳୀ ପ୍ରାଚୀନ ଯାଉଁଳିପୋଖରୀ ମଠରେ ଶ୍ରାବଣ ଶେଷ ସୋମବାରଠାରୁ ଆରମ୍ଭ ହୋଇଛି ଐତିହ୍ୟସମ୍ପନ୍ନ ଝୁଲଣ ଉତ୍ସବ। ଏହି ଉପଲକ୍ଷେ ରାତି ପ୍ରାୟ ୮ଟାରେ ମଠାଧୀଶ ବ୍ରହ୍ମାନନ୍ଦ ଦାସ ମହାରାଜ, ସହଯୋଗୀ ବିଶ୍ୱମ୍ଭର ଦାସ ମହାରାଜ ମହାପ୍ରଭୁ ଶ୍ରୀରାମଚନ୍ଦ୍ର, ମା' ସୀତାଙ୍କୁ ଝୁଲଣ ଦୋଳିରେ ବିଜେ କରାଇଥିଲେ। ଲକ୍ଷ୍ମଣଙ୍କୁ ମହାପ୍ରଭୁଙ୍କ ଡାହାଣ ପାର୍ଶ୍ୱରେ ଏବଂ ରାଧାକୃଷ୍ଣଙ୍କୁ ବାମପାର୍ଶ୍ୱରେ ବିଜେ କରାଯାଇଥିଲା। ଘଣ୍ଟ, ମୃଦଙ୍ଗ, ଶଙ୍ଖ, ଝାଞ୍ଜ ଆଦି ପାରମ୍ପରିକ ବାଦ୍ୟରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ମଙ୍ଗଳାର୍ପଣ ବିଧି ଶେଷ ପରେ ଟେରା ବନ୍ଧାଯାଇ ବୁନ୍ଦି, ଉଖୁଡ଼ା, ମାଲପୁଆ, କାକରା, ବିଭିନ୍ନ ପ୍ରକାରର ଫଳ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଏହାପରେ ୧୦୮ଦୀପ ବିଶିଷ୍ଟ ଆଳତି ସମ୍ପନ୍ନ ହୋଇଥିଲା। ସନ୍ନ୍ୟାସୀ ପ୍ରଭୁପାଦ ଦାସ ଚାମର ସେବା କରିଥିଲେ।

୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଝୁଲଣ ଯାତ୍ରା ପାଇଁ ମଠ ପରିସର ରଙ୍ଗିନ ଆଲୋକମାଳାରେ ଝଲସି ଉଠିଛି। ଶ୍ରୀବଳଦେବଜୀଉ କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଝୁଲଣ ମଣ୍ଡପରେ ଭଜନ ପରିବେଷଣ କରାଯାଇଥିଲା। ଶ୍ରୀରଘୁନାଥଜୀଉଙ୍କ ସ୍ତୋତ୍ରପାଠ ପରିବେଶରେ ଆଧାତ୍ମିକ ବାତାବରଣ ଭରିଥିବାବେଳେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ଜଗନ୍ନାଥ ଚେତନା ସମିତି ସଭାପତି ପ୍ରଦ୍ୟୁମ୍ନ ରଥ ସୂଚନା ଦେଇଛନ୍ତି।



ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ବିମାନରେ ଠାକୁର ବିଜେ କରିଛନ୍ତି।

■୧୦୨ ବର୍ଷର ପ୍ରାଚୀନ ପରମ୍ପରା

■ଚଳଚଞ୍ଚଳ ଯାଉଁଳିପୋଖରୀ ମଠ

ଯାଉଁଳିପୋଖରୀ ମଠ ଢେଙ୍କାନାଳର ଐତିହ୍ୟ ଏବଂ କିମ୍ବଦନ୍ତୀର ପ୍ରତୀକ। ଶିଳ୍ପୀ ରଘୁନାଥ ମହାରଣାଙ୍କ ଦ୍ୱାରା ୧୯୨୦ରେ ଶ୍ରୀଜୀଉଙ୍କ ଲାଗି ଏକ ଆକର୍ଷଣୀୟ ଝୁଲଣ ଦୋଳି ନିର୍ମାଣ କରାଯାଇଥିଲା। ୧୫ ଫୁଟ ଲମ୍ବ, ୬ ଫୁଟ ପ୍ରସ୍ଥ ଓ ୧୦ ଫୁଟ ଉଚ୍ଚତା ବିଶିଷ୍ଟ କାଠନିର୍ମିତ ଏହି ବିମାନ ଉତ୍କଳୀୟ କଳାନୈପୁଣ୍ୟର ଉତ୍କୃଷ୍ଟ ନିଦର୍ଶନ। ଏହାକୁ ଦେଖିବାକୁ ବର୍ଷତମାମ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାବେଳେ ଝୁଲଣ ଉତ୍ସବ ଉପଲକ୍ଷେ ଠାକୁରଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ।

